# ୪ ବର୍ଷ ପରେ

୦୪/୧୦/୧୯୮୮

ସ୍ୱନକ୍ଷତ୍ରର ଦିନ ଆତ୍ମସମୀକ୍ଷା ଏବଂ ସଙ୍କଳ୍ପର ଦିନ । ପୂର୍ବବର୍ଷମାନଙ୍କ ପରି ପୁଣିଥରେ ଆଜି ଆମର ସେଇ ପୁରୁଣା ସଙ୍କଳ୍ପକୁ ଦୋହରାଉଛୁ । ୪ ବର୍ଷ ତଳେ ଓଡ଼ିଶାରେ ସର୍ବାଧୁନିକ ମୁଦ୍ରଣ କୌଶଳର ପ୍ରବର୍ତ୍ତନ କରି ଏକ ପ୍ରଭାତୀ ଦୈନିକ ଭାବେ ସଦ୍ୟତମ ସମ୍ବାଦ ପରିବେଷଣ କରିବା, ଆଠପୃଷ୍ଠାରେ ସୀମିତ କଳେବର ଭିତରେ ସବୁ ବର୍ଗର ପାଠକମାନଙ୍କର ଚାହିଦାକୁ ଆଖି ଆଗରେ ରଖି ଏକ ସମ୍ପୂର୍ଣ୍ଣ ସମ୍ବାଦପତ୍ର ପ୍ରକାଶ କରିବାର ସଙ୍କଳ୍ପ ନେଇ 'ସମ୍ବାଦ' ଆତ୍ମପ୍ରକାଶ କରିଥିଲା, ନୂଆପାଠକ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଓଡ଼ିଶାର ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଓଡ଼ିଆ ପାଠକମାନଙ୍କୁ ଆଉ ଟିକିଏ ଅଧିକ ସ୍ୱାଭିମାନୀ କରିବାକୁ ଉଦ୍ୟମ କରିଥିଲା ।

ଓଡ଼ିଶାରେ ପ୍ରଥମଥର ପାଇଁ ସର୍ବାଧୁନିକ ମୁଦ୍ରଣ କୌଶଳକୁ ଆପଣେଇବାର ସେହି ଦୁଃସାହସ ପାଇଁ ଏବେବି ଆମକୁ ମୂଲ୍ୟଦେବାକୁ ପଡୁଛି । ଏ ପ୍ରକାର ମୁଦ୍ରଣ କୌଶଳକୁ ଓଡ଼ିଶାରେ ବଞ୍ଚେଇ ରଖିବା ନିମନ୍ତେ ଯେଉଁ ଭିତ୍ତିଭୂମିର ଆବଶ୍ୟକତା ରହିଛି, ତା'ର ଅଭାବ ଯୋଗୁଁ ହିଁ ଆମେ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହୋଇଛୁ । ମାତ୍ର ଏସବୁ ସତ୍ତ୍ୱେ, ଆମର ପାଠକ ଓ ବିଜ୍ଞାପନଦାତାମାନେ ଯେ, ଏହି ଆଧୁନିକ ମୁଦ୍ରଣ କୌଶଳର ପ୍ରଭାବକୁ ସ୍ୱୀକାର କରିଛନ୍ତି, ଏଥିପାଇଁ ଆମେ ଗର୍ବିତ ଏବଂ ଅନୁଗୃହୀତ ।

ସବୁ ବର୍ଗର ପାଠକମାନଙ୍କର ଚାହିଦାକୁ ଆଖି ଆଗରେ ରଖି ପ୍ରକାଶିତ ଏକ ଭିନ୍ନସ୍ୱାଦର ପ୍ରଭାତୀ ଦୈନିକ ଭାବେ 'ସମ୍ବାଦ' ଆଜି ଓଡ଼ିଶାରେ ସର୍ବତ୍ର ଗ୍ରହଣୀୟ ହୋଇଛି । ଏ କ୍ଷେତ୍ରରେ ଆମର ପ୍ରଭାବ ବୃଦ୍ଧି କେବଳ ଆମର କ୍ରମବର୍ଦ୍ଧମାନ ପ୍ରସାରଣ ସଂଖ୍ୟାରେ ସୀମିତ ହୋଇ ରହିନାହିଁ, ବରଂ ଆମର ସୁଯୋଗ୍ୟ ପ୍ରତିଦ୍ୱନ୍ଦ୍ୱୀ ପ୍ରକାଶକ ଏବଂ ସମ୍ପାଦକମାନେ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇ ଆମକୁ ଅନୁସରଣ ଓ ଅନୁକରଣ କରୁଛନ୍ତି । ଏହା ଆମ ପାଇଁ ଯେଉଁଭଳି ଗର୍ବ ଏବଂ ଗୌରବର ବିଷୟ, ଓଡ଼ିଶାର ପାଠକମାନଙ୍କ ପାଇଁ ସେହିପରି ଏକ ଆନନ୍ଦର ବିଷୟ ।

'ସମ୍ବାଦ'ର ସମ୍ପାଦକୀୟ ନୀତି ମୂଳରୁ ସ୍ପଷ୍ଟ ରହି ଆସିଅଛି । ଅନେକ ହୁଏତ ଭିନ୍ନ ଭିନ୍ନ କାରଣରୁ ଆମର ପ୍ରଭାବ ଓ ଲୋକପ୍ରିୟତାକୁ ଗ୍ରହଣ କରି ନ ପାରି ଆମର ନୀତିର ଅର୍ଥକୁ କଦର୍ଥ କରିବାକୁ ଚେଷ୍ଟା କରିଛନ୍ତି ଓ କରୁଛନ୍ତି ମଧ୍ୟ । ମୋର ବ୍ୟକ୍ତିଗତ ସମ୍ପର୍କ ଏବଂ 'ସମ୍ବାଦ'ର ସମ୍ପାଦକୀୟ ନୀତି ଯେ, ପରସ୍ପର ନିର୍ଭରଶୀଳ ନୁହନ୍ତି ଏହାର ବହୁପ୍ରମାଣ ଗତ ୪ ବର୍ଷ ମଧ୍ୟରେ ଆମେ ଦେଇଛୁ । କିନ୍ତୁ କେଜାଣି କାହିଁକି ଆମର କିଛି ପ୍ରତିଦ୍ୱନ୍ଦ୍ୱୀ ଏହାକୁ ବୁଝି ନବୁଝିଲାପରି ହେଉଛନ୍ତି ଏବଂ ସାମାନ୍ୟତମ ବୃତ୍ତିଗତ ଶାଳୀନତା ରକ୍ଷା କରିବାକୁ ମଧ୍ୟ ଉଚିତ ମନେ କରୁନାହାନ୍ତି ।

'ସମ୍ବାଦ' ସବୁବେଳେ ଓଡ଼ିଶାର ସମୂହ ସ୍ୱାର୍ଥ ଓ ସ୍ୱାଭିମାନକୁ ଅଗ୍ରାଧିକାର ଦେବା ଦିଗରେ ଜୋର୍ ଦେଇ ଆସିଛି ଓ ଆଜି ମଧ୍ୟ ତା'ର ସେ ସଙ୍କଳ୍ପର ପୁନରାବୃତ୍ତି କରୁଛି । 'ସମ୍ବାଦ' କେବେହେଲେ ନିଜକୁ ନିଷ୍ପକ୍ଷ ବୋଲି ଦାବୀ କରିନାହିଁ । 'ସମ୍ବାଦ'ର ସମ୍ପାଦକୀୟ ନୀତିରେ ନିଷ୍ପକ୍ଷତାର ଅବକାଶ ନାହିଁ । କାରଣ ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନର ସୁରକ୍ଷା ପାଇଁ ସେ ମୂଳରୁ ହିଁ ପକ୍ଷଭୁକ୍ତ । ବରଂ ସମ୍ବାଦପତ୍ରମାନେ ଆଜି ନିଜନିଜକୁ ନିଷ୍ପକ୍ଷ, ନିର୍ଭୀକ ଏବଂ ସ୍ୱାଧୀନ ବୋଲି ଦାବୀ କରିବା ଏକ ଔପଚାରିକ ସ୍ଲୋଗାନ୍‌ରେ ପରିଣତ ହେଲାଣି । ଅନ୍ୟାନ୍ୟ ବ୍ୟବସାୟ ପରି ସମ୍ବାଦପତ୍ର ବ୍ୟବସାୟ ଆଜି ଏତେ ପରିମାଣରେ ପୁଞ୍ଜି, କାରିଗରୀ କୌଶଳ ଏବଂ ବିଜ୍ଞାପନ ଉପରେ ନିର୍ଭରଶୀଳ ହୋଇପଡ଼ିଛି ଯେ, ଏସବୁ ନିର୍ଭରଶୀଳତାରୁ ସମ୍ପୂର୍ଣ୍ଣ ମୁକ୍ତ ନ ହେବା ପର୍ଯ୍ୟନ୍ତ ନିଜକୁ 'ସ୍ୱାଧୀନ' ବୋଲି ଦାବୀ କରିବା କେବଳ ଆସ୍ଫାଳନ ମାତ୍ର । ସମ୍ବାଦପତ୍ରର ମାଲିକମାନେ ନିଜର ସ୍ୱାର୍ଥପାଇଁ କାଗଜଗୁଡ଼ିକୁ ବ୍ୟବହାର କରିବାରେ ଲାଗିଛନ୍ତି । ଅଧାସତକୁ ଅଧା ମିଛ ଯୋଡ଼ି ସମ୍ବାଦ ପରିବେଷଣ କରିବା ଏବେ ଏକ ନୂଆ ଫର୍ମୁଲା ହୋଇପଡ଼ିଛି । ଏହା ଏପରି ଭାବେ ଆମ ସମସ୍ତଙ୍କୁ ଗ୍ରାସ କରିବାରେ ଲାଗିଛି ଯେ, ଯେଉଁ କେତେଜଣ ପ୍ରକାଶକ ଓ ସମ୍ପାଦକ ସତ୍ୟନିଷ୍ଠ ଥାଉଛନ୍ତି, ସେମାନଙ୍କ ପାଇଁ ପାଠକମହଲରେ ଏକ ବିଶ୍ୱାସର ସଙ୍କଟ ସୃଷ୍ଟି ହେଉଛି । ସତ୍ୟ ପରିବର୍ତ୍ତେ ସ୍ୱାର୍ଥ ହୋଇପଡ଼ିଛି ସମ୍ବାଦପତ୍ର ମାଲିକମାନଙ୍କର ଏକମାତ୍ର ନୀତି । ଏ ପରିସ୍ଥିତିରେ ସମ୍ପାଦକ ଓ ସାମ୍ବାଦିକମାନେ ଆତ୍ମଗ୍ଳାନିକୁ ଘୋଡ଼େଇବା ପାଇଁ ନିଷ୍ପକ୍ଷତା, ନିର୍ଭୀକତା ଓ ସ୍ୱାଧୀନତା ପାଇଁ ସ୍ୱର ଉତ୍ତୋଳନ କରୁଛନ୍ତି ସିନା, ପ୍ରକୃତପକ୍ଷେ ଏସବୁର କୌଣସି ଅର୍ଥ ନାହିଁ ।

ଯେଉଁଠି ସ୍ୱାଧୀନତା ପାଇଁ ସ୍ୱର—ଉତ୍ତୋଳନ ନିରର୍ଥକ, ସେଠାରେ ସ୍ୱାଧୀନତା ଉପରେ ଆକ୍ରମଣର ପ୍ରତିକାର ହେବ କିପରି ବା କରିବ କିଏ ? ଏହା ଆଜି ଆମର ସମ୍ପାଦକ ଓ ସାମ୍ବାଦିକମାନଙ୍କ ପାଇଁ କେବଳ ଏକ ବିଡ଼ମ୍ବନା ନୁହେଁ, ଏକ 'ଚ୍ୟାଲେଞ୍ଜ' ମଧ୍ୟ । ଆମେ ଏହି 'ଚ୍ୟାଲେଞ୍ଜ'କୁ ସ୍ୱାଗତ କରୁଛୁ ଓ ଏହାର ମୁକାବିଲା କରିବାକୁ ସମର୍ଥ ବୋଲି ଆତ୍ମବିଶ୍ୱାସ ରଖୁଛୁ ।

**ସୌମ୍ୟରଞ୍ଜନ ପଟ୍ଟନାୟକ**